## ସଂକ୍ଷେପରେ

### ମା' ବୁଢ଼ୀ ଠାକୁରାଣୀ ଯାତ୍ରା ଶୁଭଖୁଣ୍ଟି ସ୍ଥାପନ

**କନିଷି,୪।୯(ଡି.ଏନ.ଏ.):** ରଙ୍ଗେଇଲୁଣ୍ଡା ବ୍ଲକ ହଳଦିଆପଦର ଗ୍ରାମରେ ମା' ବୁଢ଼ୀ ଠାକୁରାଣୀ ଯାତ୍ରା ପାଇଁ ବୁଧବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ଏଥିରେ ମୁଖ୍ୟକର୍ତ୍ତା ଭାବେ ଦାମୋଦର ପାଢ଼ୀଙ୍କ ତତ୍ତ୍ୱାବଧାନରେ ଠାକୁରାଣୀଙ୍କ ୯ ଦିନିଆ ଶାରଦୀୟ ଯାତ୍ରା ପାଇଁ ପୁରୋହିତ କାହ୍ନୁଚରଣ ପାଢ଼ୀଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ଆଜ୍ଞାମାଳ ସହ ଶୁଭଖୁଣ୍ଟିକୁ ବିଭିନ୍ନ ସାଂସ୍କୃତିକ ଦଳର ବିରାଟ ପଟୁଆରରେ ଅଣାଯାଇ ମା'ଙ୍କ ଅସ୍ଥାୟୀ ଯାତ୍ରା ପୀଠରେ ସ୍ଥାପନ କରାଯାଇଛି । ଏହି ଯାତ୍ରା ଆସନ୍ତା ୨୯ ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୭ ରେ ଅନୁଷ୍ଠିତ ହେବ ବୋଲି ଯାତ୍ରା କମିଟି ଓ ଗ୍ରାମବାସୀ କହିଛନ୍ତି। ଯାତ୍ରାରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଥିବା ବେଳେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମୁଖ୍ୟକର୍ତ୍ତା ଦାମୋଦର ପାଢ଼ୀ, ଅଭିମନ୍ୟୁ ମହାରଣା, ପଣ୍ଡିତ କାହ୍ନୁଚରଣ ପାଢ଼ୀ, ଭଗବାନ ପଣ୍ଡା, କିରଣ ପାଢ଼ୀଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ବାଇକ୍ ଦୁର୍ଘଟଣାରେ ୨ ଗୁରୁତର

**ବୁଗୁଡ଼ା,୪।୯(ଡି.ଏନ.ଏ.):** ବୁଗୁଡ଼ା କଲେଜ ରାସ୍ତାର ଶ୍ରୀରାମନଗର ନିକଟରେ ବୁଧବାର ବାଇକ୍ ଦୁର୍ଘଟଣାରେ ୩ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବୁଗୁଡ଼ା ବ୍ଲକ ଅଧ୍ୟକ୍ଷାଙ୍କ ସ୍ୱାମୀ ବରୁଣ ସେନାପତି ଓ ଆଦିପୁର ଗ୍ରାମର ହରିକୃଷ୍ଣ ନାୟକଙ୍କ ଅବସ୍ଥା ଗୁରୁତର ରହିଛି। ଆଦିପୁର ଗ୍ରାମର ପଦ୍ମନାଭ ସାହୁ ଆହତ ହୋଇଛନ୍ତି। ବୁଧବାର ପୂର୍ବାହ୍ଣରେ ବରୁଣ ବାଇକ୍‌ରେ ଟାକରଡ଼ା ଯାଉଥିଲେ। ବିପରୀତ ଦିଗରୁ ଅନ୍ୟ ଏକ ବାଇକରେ ହରିକୃଷ୍ଣ ଓ ପଦ୍ମନାଭ ସହ ଆସୁଥିଲେ। ଶ୍ରୀରାମନଗର ନିକଟରେ ଦୁଇ ବାଇକ୍ ଧକ୍କା ହେବାରୁ ୩ ଆରୋହୀ ତଳେ ପଡି ଆହତ ହୋଇଥିଲେ। ସେମାନଙ୍କୁ ଲୋକେ ଉଦ୍ଧାର କରି ତୁରନ୍ତ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ବରୁଣଙ୍କୁ ଭୁବନେଶ୍ୱର ଓ ହରିକୃଷ୍ଣଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି ।

### ଟ୍ରାଫିକ ନିୟମ ସଚେତନ କଲା ପୋଲିସ

**ପୋଲସରା,୪।୯(ଡି.ଏନ.ଏ.):** ସେପ୍ଟେମ୍ବର ୧ରୁ ନୂଆ ମୋଟରଯାନ ଆଇନ ଲାଗୁ ହୋଇଛି। ବିଭିନ୍ନ ସ୍ଥାନରେ ଟ୍ରାଫିକ ନିୟମ କଡ଼ାକଡ଼ି ଯାଞ୍ଚ କରାଯାଇ ଜରିମାନା ମଧ୍ୟ ଆଦାୟ ହେଲାଣି। ପୋଲସରା ଥାନା ପୋଲିସ ପକ୍ଷରୁ ୩ ଦିନ ହେଲା ଲୋକଙ୍କୁ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରାଯାଉଛି। ଥାନାଧିକାରୀ ଜିତେନ୍ଦ୍ର କୁମାର ମଲିକ ଓ ଅନ୍ୟ ପୋଲିସ କର୍ମଚାରୀ ଆଖପାଖ ଅଞ୍ଚଳରେ ବୁଲି ବିନା ହେଲମେଟ, ବିନା ଡ୍ରାଇଭିଂ ଲାଇସେନ୍ସ, ନିୟମ ଉଲ୍ଲଂଘନ କରୁଥିବା ଗାଡ଼ି ଚାଳକମାନଙ୍କୁ ସଚେତନ କରିଛନ୍ତି । ଗୁରୁବାରଠାରୁ ଟ୍ରାଫିକ ନିୟମ ନ ମାନି ଗାଡ଼ି ଚଳାଇଲେ ଜରିମାନା ଆଦାୟ କରାଯିବ ବୋଲି ଥାନାଧିକାରୀ କହିଛନ୍ତି ।

### ଜୁଆର ମାଡ଼ରେ ଶୌଚାଳୟ ଦବିବା ଘଟଣା
### ବିଡିଏ ପକ୍ଷରୁ ସମ୍ପୂର୍ଣ୍ଣ ଭଙ୍ଗାଗଲା



**ଗୋପାଳପୁର,୪।୯:** ଗତ କିଛିଦିନ ହେଲା ଗୋପାଳପୁର ସମୁଦ୍ର ଅଶାନ୍ତ ହେବା ଫଳରେ ବଡ଼ ବଡ଼ ଜୁଆର ଆସି କୂଳ ଲଙ୍ଘୁଛି। ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ବେଳାଭୂମିରେ ନିର୍ମାଣ କରିଥିବା ଶୌଚାଳୟର ଗୋଟିଏ ପାଖ ଜୁଆର ମାଡ଼ରେ ଦବି ଯାଇଥିଲା। ଏହା ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ବିଡିଏ ପକ୍ଷରୁ ବୁଧବାର ଜେସିବି ଦ୍ୱାରା ଏହାକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଇଛି। ଏନେଇ ବିଡିଏ ସେକ୍ରେଟାରୀ ସସ୍ମିତ ରାଉତରାୟଙ୍କୁ ପଚାରିବାରୁ ପର୍ଯ୍ୟଟକମାନଙ୍କ ପାଇଁ ଶୌଚାଳୟ ନିହାତି ଜରୁରୀ ଥିବାରୁ ନିର୍ମାଣ ହୋଇଥିଲା। ଏହା ଏବେ ଭାଙ୍ଗି ଯାଇଛି। ଖୁବଶୀଘ୍ର ଆଖପାଖ ଅଞ୍ଚଳରେ ଜାଗା ଚିହ୍ନଟ କରି ନଚେତ ଘରୋଇ ଜମି କିଣାଯାଇ ଶୌଚାଳୟ ନିର୍ମାଣ ହେବ ବୋଲି ସେ ସୂଚନା ଦେଇଛନ୍ତି।

## ■ଚକ୍ଷୁଦାନ ପ୍ରତି ଆଗ୍ରହ ବଢୁଛି
# ଦୁନିଆ ଦେଖିପାରୁଛନ୍ତି ଦୃଷ୍ଟିହୀନ



ସଚେତନତା ପଦଯାତ୍ରା ବ୍ରହ୍ମପୁର ସହର ପରିକ୍ରମା କରୁଛି ।

- ■ଫ୍ରେଣ୍ଡ୍ସ ହେଲପିଙ୍ଗ୍ କ୍ଲବ କରୁଛି ସଚେତନ
- ■ହଜାରରୁ ଅଧିକ ଦୃଷ୍ଟିହୀନ ପାଇଛନ୍ତି ଦୃଷ୍ଟିଶକ୍ତି

**ବ୍ରହ୍ମପୁର ଅଫିସ,୪।୯**

ମଣିଷ ଶରୀରର ମୃତ୍ୟୁ ଅଛି, କିନ୍ତୁ ଚକ୍ଷୁର ମୃତ୍ୟୁ ନାହିଁ। ମଣିଷ ମୃତ୍ୟୁ ଘଟିବାର ୪ରୁ ୬ଘଣ୍ଟା ପର୍ଯ୍ୟନ୍ତ ଚକ୍ଷୁ ଜୀବିତ ଥାଏ। ତାକୁ ନେଇ ଅନ୍ୟ ଜଣଙ୍କଠାରେ ପ୍ରତିରୋପଣ କରାଯାଇପାରିବ। ଫଳରେ ଜଣେ ଦୃଷ୍ଟିହୀନ ମଧ୍ୟ ଦୁନିଆ ଦେଖିପାରିବେ। ସେଥିପାଇଁ ମୃତ୍ୟୁ ପରେ ଚକ୍ଷୁ ଦାନ କରିବା ଉଚିତ ବୋଲି ମତପ୍ରକାଶ ପାଇଛି। ବୁଧବାର ବ୍ରହ୍ମପୁର ଫ୍ରେଣ୍ଡସ ହେଲପିଙ୍ଗ୍ କ୍ଲବ ଆନୁକୂଲ୍ୟରେ ତଥା ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଚକ୍ଷୁ ବିଭାଗ ସହାୟତା ଏବଂ ଜାତୀୟ ଚକ୍ଷୁ ଦାନ ପକ୍ଷ ପାଳନ ଅବସରରେ ଚକ୍ଷୁଦାନ ପାଇଁ ସହରବାସୀଙ୍କୁ ସଚେତନ କରାଯାଇଛି। ଏହି ଅବସରରେ ଆୟୋଜିତ ପଦଯାତ୍ରା ଗାନ୍ଧୀ ମାର୍କେଟ ନିକଟ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତି ନିକଟରୁ ଆରମ୍ଭ ହୋଇଥିଲା। ସହର ପରିକ୍ରମା କରିବା ପରେ ପୁଣି ସେଠାରେ ପହଞ୍ଚିଥିଲା। ଫୋରମ୍ ଫର୍ ଗଞ୍ଜାମ ଆବାହକ ସୁଧୀର ରାଉତ ଏବଂ ବ୍ରହ୍ମପୁର ମେଡିକାଲ କଲେଜ ଚକ୍ଷୁ ବିଭାଗ ମୁଖ୍ୟ ପ୍ରଫେସର ଡା. ସୁଚିତ୍ରା ଦାସ ପତାକା ଦେଖାଇ ଏହାକୁ ଆରମ୍ଭ କରିଥିଲେ। ଚକ୍ଷୁ ବିଭାଗ ଅବସରପ୍ରାପ୍ତ ପ୍ରଫେସର ଡା. ବି. ନାଗେଶ୍ୱର ରାଓ ସୁବୁଦ୍ଧି ପକ୍ଷ ପାଳନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଭାରତରେ ପ୍ରାୟ ୩୦ ଲକ୍ଷ ଲୋକ ସ୍ୱଚ୍ଛ ପଟଳ ଅନ୍ଧତ୍ୱର ଶିକାର ହେଉଛନ୍ତି । ୨୦୧୮- ୧୯ରେ ୨୮ହଜାର ଲୋକଙ୍କ ସ୍ୱଚ୍ଛ ପଟଳ ପ୍ରତିରୋପଣ କରାଯାଇ ଅନ୍ଧତ୍ୱରୁ ମୁକ୍ତ କରାଯାଇଛି।

ବ୍ରହ୍ମପୁରରେ ୨୦୦୦ରେ ଫ୍ରେଣ୍ଡ୍ସ ହେଲ୍‌ପିଙ୍ଗ କ୍ଲବ ସଭାପତି ଭି. ଶ୍ରୀରାମୁଲୁଙ୍କ ବିୟୋଗରେ ପ୍ରଥମେ ଚକ୍ଷୁ ଦାନ ଆରମ୍ଭ ହୋଇଥିଲା। ସେହି ଦିନଠାରୁ ଫ୍ରେଣ୍ଡ୍ସ ହେଲ୍‌ପିଙ୍ଗ କ୍ଲବ ମାଧ୍ୟମରେ ଓ ମେଡିକାଲ କଲେଜ ଚକ୍ଷୁ ବିଭାଗ ସହାୟତାରେ ବ୍ରହ୍ମପୁର ସହର ସହ ଭଞ୍ଜନଗର, ଆସିକା, ବାଲିପଦର, କୁକୁଡ଼ାଖଣ୍ଡି ଓ ଗୋଳାବନ୍ଧ ଏପରିକି ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲାର କାବିଟି, ପଲାସା ଇତ୍ୟାଦି ଅଞ୍ଚଳର ପ୍ରାୟ ୪ଶହ ଚକ୍ଷୁର ସ୍ୱଚ୍ଛ ପଟଳ ସଂଗ୍ରହ କରାଯାଇଛି। ତାହାକୁ ୩୫୦ ଜଣଙ୍କଠାରେ ପ୍ରତି ରୋପଣ କରାଯିବା ପରେ ସେମାନେ ଦୃଷ୍ଟିଶକ୍ତି ପାଇଛନ୍ତି। ମେଡିକାଲ କଲେଜର ସଂଗୃହୀତ ମୋଟ ପ୍ରାୟ ୫୦୦ ରୁ ୪୪୦ ଲୋକଙ୍କ ଠାରେ ଚକ୍ଷୁ ସ୍ୱଚ୍ଛ ପଟଳ ପ୍ରତିରୋପଣ କରାଯିବାରୁ ଦୃଷ୍ଟିଶକ୍ତି ଫେରି ପାଉଛନ୍ତି । ଓଡ଼ିଶାରେ ଫ୍ରେଣ୍ଡ୍ସ ହେଲ୍‌ପିଙ୍ଗ କ୍ଲବ ଚକ୍ଷୁଦାନ କାର୍ଯ୍ୟକ୍ରମରେ ଇତିହାସ ସୃଷ୍ଟି କରିଥିବା ପ୍ରଫେସର ସୁବୁଦ୍ଧି କହିଥିଲେ। କାର୍ଯ୍ୟକ୍ରମରେ ଫ୍ରେଣ୍ଡସ ହେଲପିଙ୍ଗ କ୍ଲବ ସଭାପତି କେ.ପୁରୁଷୋତ୍ତମ ସୁବୁଦ୍ଧି, ଜାମୁଲା ସୁରେଶ, ଇ.ଜଗଦୀଶ୍ୱର ରାଓ, ବି.ଲକ୍ଷ୍ମୀନାରାୟଣ ପାତ୍ର, ଏସ୍. ଆନନ୍ଦ ରାଓ, ଭି.ଭେଙ୍କଟରତ୍ନମ ରାଜୁ, ସିଏଚ୍. ଶିବପ୍ରସାଦ ରାଓ, ଇ.ରଘୁନାଥମ, ଡା ଜେ. ସୋମେଶ୍ୱର ରାଓ, ମାନବବାଦୀ ହେତୁବାଦୀ ସଂଗଠନ ସଭାପତି ଇ.ତେଜେଶ୍ୱର ରାଓ, କେ.ନନ୍ଦେସୁ ସେନାପତି, ରାଜା ସୁରେଶ, କିଶୋର ଚନ୍ଦ୍ର ମିଶ୍ର, କେ.ବାସବରାଜୁ, ସ୍ୱେଚ୍ଛାକୃତ ରକ୍ତଦାତା ସଂଘର ମନୋଜ କୁମାର ପାଢୀ, ଫୋରମ ଫର ଗଞ୍ଜାମର ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ସ୍ୱରାଜ୍ୟ ସୁବୁଦ୍ଧି, ମାନସ ପାତ୍ର, ଗଞ୍ଜାମ ଚାମ୍ବର ଅଫ୍ କମର୍ସ ସଭାପତି ଇ.ଶିବପ୍ରସାଦ, ସମ୍ପାଦକ ଭି. ସନ୍ତୋଷ, ଉପସଭାପତି ସନ୍ତୋଷ କୁମାର ସାହୁ, ମାନବ ଅଧିକାର ସୁରକ୍ଷା ମଞ୍ଚ ଆବାହକ ଅବନୀ ଗୟା, ସତ୍ୟସାଇ ସମିତିର କେ.ବି.ଏସ୍. ନାରାୟଣ, ସିଟି ହାଇସ୍କୁଲ ପୁରାତନ ଛାତ୍ର ସଂଘର ସତ୍ୟ ନାରାୟଣ, ପି. ବଦ୍ରିନାରାୟଣ, ଇ. ଆଦିନାରାୟଣ ପ୍ରମୁଖ ବହୁ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ ।

## ଲାଞ୍ଚ ଗ୍ରହଣ ମାମଲା: ଅଭିଯୁକ୍ତ ଡାକ୍ତରଙ୍କୁ ସର୍ତ୍ତମୂଳକ ଜାମିନ

**ବ୍ରହ୍ମପୁର ଅଫିସ,୪।୯**

ଜଣେ ରୋଗୀଙ୍କ ହାର୍ନିଆ ଅପରେଶନ ପାଇଁ ଭଞ୍ଜନଗର ହସ୍ପିଟାଲ ଅଧୀକ୍ଷକ ପୀତାମ୍ବର ଦାଶ ୫ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଥିଲେ । ବୁଧବାର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ତଦନ୍ତକାରୀ ଅଧିକାରୀ କେଶ ଡ଼ାଏରୀ ଦାଖଲ ପରେ ଅଭିଯୁକ୍ତଙ୍କ ଓକିଲ କିଶୋର ଚନ୍ଦ୍ର ମିଶ୍ର ଜାମିନ ପାଇଁ ଆବେଦନ କରିଥିଲେ । ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବିଜୟ କୁମାର ଜେନା ଏହାର ଶୁଣାଣି କରି ଡ଼ା. ଦାଶଙ୍କୁ ବୁଧବାର ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଗାଙ୍ଗପୁର ଥାନା ଖଇରପୁଟି ଗ୍ରାମର ଶଶୀ ବାରିକ ଭଞ୍ଜନଗର ହସ୍ପିଟାଲରେ ସର୍ଜରୀ ୱାର୍ଡ ବେଡ୍ ନଂ. ୪୭ରେ ଭର୍ତ୍ତି ହୋଇଥିଲେ। ଶଶୀଙ୍କ ହାର୍ନିଆ ଅପରେଶନ ପାଇଁ ତାଙ୍କ ସ୍ତ୍ରୀ ଭାନୁମତି ଅଧୀକ୍ଷକ ଡ଼ା. ଦାଶଙ୍କ ସହ ଯୋଗାଯୋଗ କରିଥିଲେ। ଏଥିପାଇଁ ସେ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଅଗଷ୍ଟ ୨୨ରେ ଭାନୁମତୀ ଅଧୀକ୍ଷକ ଡ଼ା. ଦାଶଙ୍କୁ ଭେଟି ୫ ହଜାର ଟଙ୍କା ଲାଞ୍ଚ ଦେଇଥିଲେ । ସେଠାରେ ଭିଜିଲାନ୍ସ ଟିମ୍ ଡ଼ା. ଦାଶଙ୍କୁ ମାମଲା ନଂ. ୨୧/୧୯ରେ ଗିରଫ କରି କୋର୍ଟଚାଲାଣ କରିଥିଲା। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ କିଶୋର ଚନ୍ଦ୍ର ମିଶ୍ର ଓ ଚନ୍ଦ୍ରମଣି ମହାପାତ୍ର ମକଦ୍ଦମା ପରିଚାଳନା କରିଥିଲେ ।

## ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା


ଉପସ୍ଥିତ ନବାଗତ ଛାତ୍ରୀଛାତ୍ର ।

**ବ୍ରହ୍ମପୁର ଅଫିସ,୪।୯**

ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ପାରମ୍ପରିକ ରୀତିରେ ସ୍ୱାଗତ କରାଯାଇଥିଲା । ହୋମ ଯଜ୍ଞ ମାଧ୍ୟମରେ ବିଦ୍ୟାରମ୍ଭ ସଂସ୍କାର ଯଜ୍ଞ ଅନୁଷ୍ଠିତ ହୋଇଥିଲା । ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା, ଅଧ୍ୟାପିକା ଅଧ୍ୟାପକଙ୍କ ଦ୍ୱାରା ଆଶୀର୍ବାଦ ପୂର୍ବକ ଉତ୍ସବ ଆୟୋଜନ ହୋଇଥିଲା। ଯୁକ୍ତ ୨ ବିଭାଗ ଅଧ୍ୟକ୍ଷ ଏସ୍.ମୋହନ ରାଓ ସ୍ୱାଗତ ଭାଷଣ, ଅତିଥି ପରିଚୟ ଏବଂ ଯୁକ୍ତ ୩ ବିଭାଗ ଅଧ୍ୟାପିକା ଅଧ୍ୟାପକ ପରିଚୟ ପ୍ରଦାନ କରିଥିଲେ । ଶିଶୁ ମନ୍ଦିର ବିଭାଗ ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଯୁକ୍ତ ୨ ଶିକ୍ଷା କ୍ଷେତ୍ରରେ ଏହି ମହାବିଦ୍ୟାଳୟର ସୁନାମ ଆମ ରାଜ୍ୟ ତଥା ଗଞ୍ଜାମ ଜିଲା ପାଇଁ ଏକ ଗୌରବର କଥା ବୋଲି କହିଥିଲେ। ଶେଷରେ ଅଧ୍ୟକ୍ଷ ସୁବ୍ରତ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡ. ଶ୍ରୀକାନ୍ତ ମହାପାତ୍ର, ସମ୍ପାଦକ ନାରାୟଣ ପଣ୍ଡା, ଯୁକ୍ତ ୩ ବିଭାଗ ଡିନ୍ ଡ. ବିବେକାନନ୍ଦ ପଣ୍ଡ, ଉଦ୍ଭିଦ ବିଜ୍ଞାନ ବିଭାଗର ଡ. ଉମେଶ ଚନ୍ଦ୍ର ସାହୁ ଏବଂ ପ୍ରାଣୀବିଜ୍ଞାନ ବିଭାଗର ଡ. ରାଜେନ୍ଦ୍ର ମୁର୍ମୁ ଉପସ୍ଥିତ ଥିଲେ ।

## ଗଣ୍ଡଗୋଳ ମାମଲା, ପୁଣି ଜଣେ ଗିରଫ

**ବୁଗୁଡ଼ା,୪।୯(ଡି.ଏନ.ଏ.)**

ବୁଗୁଡ଼ା ନୂଆସାହି ଛକ ନିକଟରେ ସୋମବାର ସନ୍ଧ୍ୟାରେ ଗଣ୍ଡଗୋଳ ମାମଲାରେ ସ୍ଥାନୀୟ ପୋଲିସ ଫେରାର ଥିବା ଜଣେ ଯୁବକଙ୍କୁ ବୁଧବାର କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ବୁଗୁଡ଼ାର ଗୌତମ ପରିଡ଼ା। ଏ ନେଇ ବୁଗୁଡ଼ା ଥାନାରେ ନଂ. ୧୮୨/୧୯ରେ ଏକ ମାମଲା ରୁଜୁ ହୋଇଥିଲା। ପ୍ରକାଶ ଯେ, ନୂଆସାହି ଛକ ନିକଟରେ ସୋମବାର ସନ୍ଧ୍ୟାରେ ବାଇକରୁ ପାଣି ଛିଟା ପଡ଼ିବା ନେଇ ଦୁଇ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଜଗନ ସ୍ୱାଇଁ ଆହତ ହୋଇଥିଲେ। ତାଙ୍କର ଅଭିଯୋଗ ପରେ ବୁଗୁଡ଼ା ପୋଲିସ ବୁଗୁଡ଼ାର ଅନିଲ ବରାଡ଼ ଓ ଆଦିପୁରର ଶାନ୍ତନୁ ନାୟକଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଥିବା ବେଳେ ଗୌତମ ଫେରାର ଥିଲେ। ବୁଧବାର ପୋଲିସ ଗୌତମଙ୍କୁ ଗିରଫ କରିଥିଲା।

## ଅଭିଯୁକ୍ତ ସ୍ୱାମୀଙ୍କୁ ସର୍ତ୍ତମୂଳକ ଜାମିନ

**ନବବଧୂ ହତ୍ୟା ମାମଲା**

**ବ୍ରହ୍ମପୁର ଅଫିସ,୪।୯**

ଯୌତୁକଜନିତ ହତ୍ୟା ମାମଲାର ବୁଧବାର ଶୁଣାଣି କରି ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ-୨) ଜଗଦୀଶ ପ୍ରସାଦ ମହାନ୍ତି ଅଭିଯୁକ୍ତ ସ୍ୱାମୀ ସିଏଚ୍ ରାଜୁ ରେଡ୍ଡୀଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ, ଏଥିପୂର୍ବରୁ ତାଙ୍କ ମା' ଅର୍ଥାତ୍ ମୃତ ନବବଧୂ କେ. ସୁଶୀଳା ରେଡ୍ଡୀଙ୍କ ଶାଶୁ ସିଏଚ୍ ଓରଲାମ୍ମା ରେଡ୍ଡୀଙ୍କୁ ସର୍ତ୍ତମୂଳକ ଜାମିନ ମିଳିଥିଲା । କେ. ସୁଶୀଳା ରେଡ୍ଡୀଙ୍କୁ ୨୦୧୯ ଫେବୃୟାରୀରେ ଗୋଳନ୍ଥରା ଥାନା ଗୋବିନ୍ଦ ନଗରର ସିଏଚ୍ ରାଜୁ ରେଡ୍ଡୀ ବିବାହ କରିଥିଲେ। ବିବାହ ପରେ ଅଧିକ ଯୌତୁକ ଦାବିରେ ସୁଶୀଳାଙ୍କୁ ତାଙ୍କ ସ୍ୱାମୀ, ଶାଶୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିଲେ। ଏପରିକି ସୁଶୀଳାଙ୍କୁ ୨୦୧୯ ମେ ୨୩ ତାରିଖରେ ଶ୍ୱଶୁର ଘର ଲୋକେ ମାରି ଦେଇଥିଲେ ବୋଲି ସୁଶିଳାଙ୍କ ଭଉଣୀ କେ. ରାଜୁନୁ ରେଡ୍ଡୀ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ନଂ. ୧୪/୧୯ ରେ ପୋଲିସ ମାମଲା ରୁଜୁ କରି ସିଏଚ୍ ରାଜୁ ରେଡ୍ଡୀ ଓ ତାଙ୍କ ମା' ଓରଲାମ୍ମା ରେଡ୍ଡୀଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା । ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରାଜ କୁମାର ପାଣିଗ୍ରାହୀ ଅଭିଯୁକ୍ତ ରାଜୁଙ୍କ ଜାମିନ ପାଇଁ କୋର୍ଟରେ ଆବେଦନ କରିଥିଲେ। ବୁଧବାର ଏହି ମାମଲାର ଶୁଣାଣି କରି ଏଡିଜେ-୨ ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି ।

## ଲାଞ୍ଚ ମାମଲା: ୧୬ ବର୍ଷ ପରେ ରେଞ୍ଜର ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୪।୯**

ଏକ ଲାଞ୍ଚ ମାମଲାର ଶୁଣାଣି କରି ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବିଜୟ କୁମାର ଜେନା ଅଭିଯୁକ୍ତ କୋରାପୁଟ ଜିଲା ଲମତାପୁଟର ତତ୍କାଳୀନ ରେଞ୍ଜର ଏ. ରାଜାରାଓ ସୁବୁଦ୍ଧିଙ୍କୁ ବୁଧବାର ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଦୀର୍ଘ ୧୬ ବର୍ଷ ପରେ ଏହି ମାମଲାରେ ରେଞ୍ଜର ସୁବୁଦ୍ଧି ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି । ୨୦୦୩ ମାର୍ଚ୍ଚ ୨୪ରେ ଶଙ୍କର ମିଶ୍ର ନାମକ ଜଣେ କାଠ ବ୍ୟବସାୟୀଙ୍କ ଏକ ଶାଗୁଆନ କାଠ ବୋଝେଇ ଟ୍ରକ (ନଂ ଏମ୍‌ଆଇଟି-୯୬୯୮)କୁ ଛାଡ଼ିବା ପାଇଁ ସୁବୁଦ୍ଧି ୧୦ ହଜାର ଟଙ୍କା ଲାଞ୍ଚ ନେଇଥିଲେ। ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ତାଙ୍କୁ ଘଟଣାଦିନ ରେଞ୍ଜର କାର୍ଯ୍ୟାଳୟରୁ ମାମଲା ନଂ ୪୫/୦୩ ରେ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ସେ ଜାମିନରେ ଆସିଥିଲେ । ବୁଧବାର ଏହି ମାମଲାର ବିଚାର ବେଳେ ୧୦ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଭିଜିଲାନ୍ସ ଜଜ୍ ଜେନା ତାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି । ସରକାରଙ୍କ ପକ୍ଷରୁ ପିପି ତପନ କୁମାର ଦାଶ ଓ ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରସାଦ ପଟ୍ଟନାୟକ ଏବଂ ପ୍ରଦୀପ ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ ।

## ଗଣେଶ ଚତୁର୍ଥୀ ମହୋତ୍ସବ ସମାପନ

**ବ୍ରହ୍ମପୁର ଅଫିସ,୪।୯**

ବ୍ରହ୍ମପୁର ହିଲ୍‌ପାଟଣାସ୍ଥିତ ସିଦ୍ଧ ବିନାୟକ ପୀଠରେ ଅନୁଷ୍ଠିତ ୪ ଦିନିଆ ଗଣେଶ ଚତୁର୍ଥୀ ମହୋତ୍ସବ ବୁଧବାର ସମାପନ ହୋଇଛି। ମଧ୍ୟାହ୍ନରେ ଯଜ୍ଞ ପୂର୍ଣ୍ଣାହୁତି ଦିଆଯାଇଥିଲା ଏବଂ ଭକ୍ତଙ୍କ ପାଇଁ ଅନ୍ନଯଜ୍ଞର ବ୍ୟବସ୍ଥା ହୋଇଥିଲା। ସନ୍ଧ୍ୟାରେ ଠାକୁରଙ୍କୁ ନଗର ପରିକ୍ରମା କରାଯାଇଥିଲା। ମନ୍ଦିର ବେଢ଼ାରୁ ବାହାରି ହିଲ୍‌ପାଟଣାର ୧୨ରୁ ଊର୍ଦ୍ଧ୍ୱ ସାହି ପରିକ୍ରମା ପରେ ରେଳଷ୍ଟେଶନ ଅଞ୍ଚଳ ସମେତ ଅନ୍ୟ ସାହିରେ ଗଜାନନଙ୍କୁ ବୁଲା ଯାଇଥିଲା। ମନ୍ଦିର ପରିଚାଳନା କମିଟି ସମ୍ପାଦକ ସୁରେନ୍ଦ୍ର ଚୌଧୁରୀଙ୍କ ସମେତ ସଦସ୍ୟ ବଳରାମ ପଣ୍ଡା, ଜଗନ୍ନାଥ ଚୌଧୁରୀ, ପବନ କୁମାର, ହରେକୃଷ୍ଣ ଚୌଧୁରୀ, ସମରସେନ ପାତ୍ର ଓ ଶ୍ୟାମ ସୁନ୍ଦର ନାୟକ ପ୍ରମୁଖ ଏବଂ ଶତାଧିକ ମହିଳା, ପୁରୁଷ ବିଦ୍ୟାଦାତାଙ୍କ ନଗର ପରିକ୍ରମାରେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ହିଲ୍‌ପାଟଣା ସିଦ୍ଧ ବିନାୟକ ପୀଠରେ ସର୍ବୋଚ୍ଚ ଗଣେଶ ମନ୍ଦିର ନିର୍ମିତ ହୋଇଛି । ପୀଠ ପରିସରରେ ହନୁମାନ ମନ୍ଦିର ମଧ୍ୟ ରହିଛି ।

## ବଡ଼ସାହି ମଣ୍ଡପରେ ସ୍ଥାପନ ହେଲା ଶୁଭଖୁଣ୍ଟି

**ବ୍ରହ୍ମପୁର ଅଫିସ,୪।୯**

ବ୍ରହ୍ମପୁର ଗୋଷାଣୀନୂଆଗାଁର ପ୍ରସିଦ୍ଧ କାଳୁଆ ଯାତ୍ରା ପାଇଁ ବୁଧବାର କାଳୁଆ ମଣ୍ଡପ ପାଖରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପ୍ରତିବର୍ଷ ମହାଳୟା ଅମାବାସ୍ୟା ରାତ୍ରିରୁ ଯାତ୍ରା ଆରମ୍ଭ ହୋଇ କୁମାର ପୂର୍ଣ୍ଣିମାରେ ଉଦ୍‌ଯାପିତ ହେବାର ପ୍ରାଚୀନ ପରମ୍ପରା ରହିଛି। ବୁଧବାର ପୂର୍ବାହ୍ନରେ ମା' କାଳୁଆଙ୍କ ନିଜସ୍ୱ ମନ୍ଦିରରେ ଖୁଣ୍ଟକୁ ପୂଜାର୍ଚ୍ଚନା କରାଯାଇଥିଲା। ବାଦ୍ୟବାଜଣା, ଘଣ୍ଟତାଳ ଓ ଶଙ୍ଖ ମହୁରୀ ନାଦ ମଧ୍ୟରେ ଖୁଣ୍ଟ ଅଣାଯାଇ ରୀତିନୀତି ଅନୁସାରେ ସ୍ଥାପନ କରାଯାଇଛି। ଯାତ୍ରା ଅବଧି ୧୫ ଦିନ ଗୋଷାଣୀନୂଆଗାଁ ଦୁଲୁକିବ ଏବଂ ପ୍ରତିଦିନ ସନ୍ଧ୍ୟାରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ।

**ଗୋଷାଣୀନୂଆଗାଁ କାଳୁଆ ଯାତ୍ରା ପ୍ରସ୍ତୁତି ବୈଠକ**

ଅପରପକ୍ଷରେ ଚଳିତ ବର୍ଷ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ବୁଧବାର ସନ୍ଧ୍ୟାରେ ବଡ଼ସାହିସ୍ଥ କାଳୁଆ ମଣ୍ଡପରେ ଅନୁଷ୍ଠିତ ହୋଇ ବିଭିନ୍ନ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ଯାତ୍ରା ପରିଚାଳନା କମିଟି ସଭାପତି ଜଗନ୍ନାଥ ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମୁଖ୍ୟତଃ ପରିମଳ ବ୍ୟବସ୍ଥାର ସୁରକ୍ଷା, ନିୟମିତ ପାନୀୟ ଜଳ ଯୋଗାଣ, ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ବ୍ୟବସ୍ଥା ଏବଂ ଅଗ୍ନିଶମ ବିଭାଗ ସଜାଗ ରହିବା ଆଦି ନେଇ ଆଲୋଚନା କରାଯାଇଥିଲା। ପ୍ରଶାସନ ଅନୁମତି ଲୋଡ଼ିବା ସହ ବିଭିନ୍ନ ବିଭାଗକୁ ଚିଠି ଲେଖି ଅନୁରୋଧ କରାଯିବାର ନିଷ୍ପତ୍ତି ନିଆଯାଇଛି।

ସମଗ୍ର ଗୋଷାଣୀନୂଆଗାଁବାସୀ ଯାତ୍ରା ସୁପରିଚାଳନାରେ ସହଯୋଗ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ମାଇକ ପ୍ରଚାର ଦ୍ୱାରା ବାସିନ୍ଦାଙ୍କୁ ସଚେତନ କରାଯିବାର ବ୍ୟବସ୍ଥା ହୋଇଛି। ଧର୍ମପ୍ରାଣ ବ୍ୟକ୍ତିତ୍ୱ ତଥା ଜଗନ୍ନାଥ ଓ ଉତ୍ତରେଶ୍ୱର ମନ୍ଦିର ମୁଖ୍ୟ ପରିଚାଳକ ପଞ୍ଚାନନ ଚୌଧୁରୀଙ୍କ ସମେତ ବିଭିନ୍ନ ଅଞ୍ଚଳର ବ୍ୟକ୍ତିମାନେ ବୈଠକରେ ଉପସ୍ଥିତ ଥିଲେ ଏବଂ ଆଲୋଚନାରେ ଭାଗ ନେଇଥିଲେ।

## ଟ୍ରାଫିକ୍ ନିୟମ ମାନିବାକୁ ସଚେତନ କଲେ ଖବରଦାତା

**ବ୍ରହ୍ମପୁର ଅଫିସ,୪।୯**



ବାଇକ୍ ରାଲିକୁ ଏସ୍‌ପି ପିନାକ ମିଶ୍ର ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

ନୂତନ ଟ୍ରାଫିକ୍ ନିୟମକୁ ନେଇ ଏବେ ସାରା ଦେଶରେ ଚର୍ଚ୍ଚା। କେହି ଏହାକୁ ସ୍ୱାଗତ କରୁଥିବା ବେଳେ ଆଉ କେହି ବିରୋଧ କରୁଛନ୍ତି। ଏଭଳି ସମୟରେ ଟ୍ରାଫିକ୍ ନିୟମ ମାନିବାକୁ ବୁଧବାର ବ୍ରହ୍ମପୁରବାସୀଙ୍କୁ ସଚେତନ କରିଛନ୍ତି କାର୍ଯ୍ୟରତ ଖବରଦାତାମାନେ। ପୁରୁଣା ବସ୍‌ଷ୍ଟାଣ୍ଡ ଟ୍ରାଫିକ୍ ଥାନା ସମ୍ମୁଖରୁ ଗଣମାଧ୍ୟମ ପ୍ରତିନିଧିମାନେ ଏକତ୍ରିତ ହୋଇଥିଲେ। ସେଠାରୁ ଏକ ବାଇକ୍ ରାଲି ବାହାରିଥିଲା। ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ। ବ୍ରହ୍ମପୁର ମହାନଗର ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର୍, ଉପଜିଲାପାଳ ସିନ୍ଦେ ଦତ୍ତାତ୍ରୟ ଭାଉସାହେବ ଉପସ୍ଥିତ ଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କ ଏଭଳି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ରାଲି ପି.ଭି.ଏନ୍. ରାଓ ପେଟ୍ରୋଲ ପମ୍ପ, ଖଲ୍ଲିକୋଟ କଲେଜ, ବିଜିପୁର ଏବଂ ଟାଟାବେଞ୍ଚ ଛକ ହୋଇ ମେଡ଼ିକାଲ୍ ଛକରେ ପହଞ୍ଚିଥିଲା। ରାଲି ବେଳେ ହେଲମେଟ୍ ପିନ୍ଧନ୍ତୁ, ଜୀବନ ବଞ୍ଚାନ୍ତୁ ସ୍ଲୋଗାନ୍ ଦିଆଯାଇଥିଲା। ଉପସ୍ଥିତ ଜନସାଧାରଣଙ୍କୁ ଦୁଇ ଚକିଆ ଗାଡି ଚଳାଇବା ସମୟରେ ହେଲମେଟ ବ୍ୟବହାର କରିବା, ଟ୍ରାଫିକ ନିୟମ ପାଳନ କରିବା, ଗାଡି ଚଳାଇବା ବେଳେ ମୋବାଇଲ ଫୋନ ବ୍ୟବହାର ନ କରିବା, କମ ବୟସର ପିଲାମାନଙ୍କୁ ଗାଡି ଚଳାଇବାକୁ ନ ଦେବା, ସିଟ ବେଲ୍ଟ ପିନ୍ଧିବା, ମଦ୍ୟପାନ କରି ଗାଡି ନ ଚଳାଇବା ପାଇଁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ଶିଶିର ପାଣିଗ୍ରାହୀ, ମନୋଜକାନ୍ତ ଦାଶ, ଜଗନ ମୋହନ ମହାପାତ୍ର, ଶିବ କୁମାର ଦାଶ, ଅଶୋକ କୁମାର ବ୍ରହ୍ମା, ପ୍ରକାଶ ପଟ୍ଟନାୟକ, ଗୋପାଳ ପଟ୍ଟନାୟକ, ସମୀର କୁମାର ଆଚାର୍ଯ୍ୟ, ସୁରଜିତ ପଣ୍ଡା, ଆଲୋକ କୁମାର ସାହୁ, ଇତିଶ୍ରୀ ସମାପିକା ମହାନ୍ତି, ମୃତ୍ୟୁଞ୍ଜୟ ସାହୁ, ବିଶ୍ୱନାଥ ମହାରଣା, ନାରାୟଣ ମହାକୁଡ, ସୁଦୀପ ସାହୁ, ଶିବରାମ ଚୌଧୁରୀ, ଶ୍ରୀନିବାସ ରାଜାନା, ରାଜେନ୍ଦ୍ର କୁମାର ସାହୁ, ଜାନକୀ କାନ୍ତ ପଟ୍ଟନାୟକ, ଆଶୀର୍ବାଦ ରାଉତ, ପ୍ରହଲ୍ଲାଦ ସାହୁ, ବିନୋଦ ପ୍ରଧାନ, ଅମର କୁମାର ଦାଶ, ସୂର୍ଯ୍ୟ ନାରାୟଣ ମହାପାତ୍ର, ଗୋପାଳ କୃଷ୍ଣ ରେଡ୍ଡୀ, ସୁବ୍ରମଣ୍ୟମ ସ୍ୱାମୀ, ଲକ୍ଷ୍ମୀ ବେଜ, ବାବୁଲା ପାଣିଗ୍ରାହୀ, ସମୀର କୁମାର ରଥ, ସତ୍ୟ ଚେତନ ପରିଡା, ମନୋଜ କୁମାର ପଣ୍ଡା, ସଞ୍ଜୟ ପଣ୍ଡା, ଶିବ ନାରାୟଣ ପଣ୍ଡାଙ୍କ ସମେତ ବହୁ ଖବରଦାତା ଭାଗ ନେଇଥିଲେ। ଟ୍ରାଫିକ ଡିଏସ୍‌ପି ରାମକୃଷ୍ଣ ପତି ଏବଂ ଟ୍ରାଫିକ ଥାନାଧିକାରୀ ଦେବାଶିଷ ମହାନ୍ତିଙ୍କ ସମେତ କର୍ମଚାରୀମାନେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ପୋଲରେ ପିଟିହୋଇ ଯୁବକ ଗୁରୁତର

ଚିକିଟି,୪।୯(ଡି.ଏନ.ଏ.): କେ.ନୂଆଗାଁ ଥାନା ଛକ ନିକଟରେ ବୁଧବାର ମଧ୍ୟାହ୍ନରେ ଜଣେ ଯୁବକ ରାସ୍ତାକଡ଼ରେ ଥିବା ଏକ ପୋଲକୁ ଧକ୍କା ଦେଇ ଗୁରୁତର ହୋଇଛନ୍ତି। ସେ ହେଲେ ଦିଗହଣ୍ଡି ବ୍ଲକ୍ ହାତିଆଡି ଗ୍ରାମର ଉତ୍ତମ ମଲିକ(୨୪)। ଉତ୍ତମ ବାଇକ୍ ଯୋଗେ କୌଣସି କାମରେ ଚିକିଟି ଆସିଥିଲେ। କାମ ସାରି ନିଜ ଗ୍ରାମକୁ ଫେରୁଥିବା ବେଳେ କେ.ନୂଆଗାଁ ଥାନା ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକମାନେ ଆହତଙ୍କୁ ଉଦ୍ଧାର କରି ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। କେ.ନୂଆଗାଁ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଜବତ କରିଛି।

### ଲଗାଣ ବର୍ଷା: କାନ୍ଥ ପଡ଼ି ୪ ଆହତ



ପାଟପୁର,୪।୯(ଡି.ଏନ.ଏ.): ସାନଖେମୁଣ୍ଡି ବ୍ଲକ୍ ଟି.ଗୋବିନ୍ଦପୁର ପଞ୍ଚାୟତ ନବକୃଷ୍ଣପୁର ଗ୍ରାମରେ ଲଗାଣ ବର୍ଷାରେ ମଙ୍ଗଳବାର ରାତିରେ କାନ୍ଥ ପଡି ଗୋଟିଏ ପରିବାରର ୪ ଜଣ ଆହାତ ହୋଇଛନ୍ତି । ସେମାନେ ହେଲେ ପନିନା ଶବର, ସୁଶିଳା ଶବର, ଉମେଶ ଶବର ଓ ଟିଙ୍ଗିରି ଶବର। ଘର ଭିତରେ ଖାଇ ବସିଥିବା ସମୟରେ ରାତି ପ୍ରାୟ ୧୦ଟାରେ ଇଟା କାନ୍ଥ ପଡିଯାଇଥିଲା। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ପନିନା ଓ ସୁଶିଳାଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଥିବା ଜଣାପଡିଛି ।

### ନାମଯଜ୍ଞ ପାଇଁ ଶୁଭଖୁଣ୍ଟି ସ୍ଥାପନ

କୁକୁଡ଼ାଖଣ୍ଡି,୪।୯(ଡି.ଏନ.ଏ.): କୁକୁଡ଼ାଖଣ୍ଡି ବ୍ଲକ ଜଗଦଲପୁର ଗ୍ରାମର ୧୧୬ ପ୍ରହର ନାମଯଜ୍ଞ ୧୫ ଦିନ ଧରି ହେବାକୁ ଯାଉଛି। କାର୍ତ୍ତିକ ମାସ ଉପଲକ୍ଷେ ଏହି ନାମଯଜ୍ଞ ଅକ୍ଟୋବର ୨୯ ତାରିଖରୁ ଆରମ୍ଭ ହୋଇ ନଭେମ୍ବର ୧୩ ତାରିଖରେ ଏହା ସମାପନ ହେବ। ଏଥିନେଇ ଶୁଭଖୁଣ୍ଟି ସ୍ଥାପନ ବୁଧବାର ସକାଳ ୮ଟା ସମୟରେ ଜଗଦଲପୁର ଗ୍ରାମ ବଡ଼ଦାଣ୍ଡରେ ହୋଇଛି। ନିକଟବର୍ତ୍ତୀ ମା ଗ୍ରାମଦେବତୀ କାଳୁଆ ପୀଠରେ ଶୁଭଖୁଣ୍ଟିକୁ ପୂର୍ବାହ୍ନ ସମୟରେ ପୂଜାର୍ଚ୍ଚନା କରାଯାଇଥିଲା। ପରବର୍ତ୍ତୀ ସମୟରେ ନାମଯଜ୍ଞ ଭକ୍ତ, କର୍ମୀବୃନ୍ଦ ଓ ଗ୍ରାମବାସୀ ଶୁଭଖୁଣ୍ଟିକୁ ବିରାଟ ଶୋଭାଯାତ୍ରାରେ ଆଣି ଗ୍ରାମର ବଡ଼ଦାଣ୍ଡରେ ସ୍ଥାପନ କରିଥିଲେ। ଏଥିରେ ଶତାଧିକ ଭକ୍ତ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ବାଟ ହୁଡୁଛି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା

- ଠିକାଦାର, ଯନ୍ତ୍ରୀ ଦୋଷ ଲଦାଲଦି
- ଅଧାରୁ କାମ ଛାଡି ଠିକାଦାର ଛୁ
- ଏମ୍‌ପିଙ୍କୁ ଜଣାଇଲେ ଲୋକେ

ଚନ୍ଦ୍ରଗିରି,୪।୯(ଡି.ଏନ.ଏ.)

ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ସେଥି ମଧ୍ୟରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅନ୍ୟତମ। ହେଲେ ବିଭିନ୍ନ ସ୍ଥାନରେ ରାସ୍ତା କାମ ହାତକୁ ନେଇଥିବା ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ କେଉଁଠି ରାସ୍ତା କାମ ନିମ୍ନମାନର ତ ଆଉ କେଉଁଠି ଅଧାପନ୍ତରିଆ ଭାବେ ପଡ଼ି ରହିଛି। ଫଳରେ ଅଞ୍ଚଳବାସୀ ହଇରାଣ ହେଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ବ୍ଲକ ଚାନ୍ଦିପୁଟ ଅଞ୍ଚଳରେ। ପିଡ଼୍‌ବ୍ଲୁଡି ରାସ୍ତାଠାରୁ ଯୋଡିପଥର ଓ ଲଣ୍ଡାଗୁଡାକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡ଼କ କାମ ଅଧାପନ୍ତରିଆ ଭାବେ ପଡି ରହିଛି। ୨୦୧୭ରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ରାସ୍ତା ନିର୍ମାଣ ପାଇଁ ଏଠାରେ ଫଳକ ଲାଗିଥିଲା। ରାସ୍ତା ନିର୍ମାଣ ଓ ଦୁଇ ପାର୍ଶ୍ୱ ପ୍ରଶସ୍ତୀକରଣ ପାଇଁ ଜମି ମଧ୍ୟ ଛାଡିଥିଲେ ଅଞ୍ଚଳବାସୀ। ସୂଚନା ଫଳକ ପ୍ରକାରେ ୧୮ ଅକ୍ଟୋବର ୨୦୧୭ରେ



ସୂଚନା ଫଳକ ଓ ରାସ୍ତା।

କାମ ଆରମ୍ଭ ହୋଇ ୧୭ ଜୁଲାଇ ୨୦୧୮ରେ ଶେଷ ହେବା କଥା। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୩ କିମି ରାସ୍ତାକୁ ୧ କୋଟି ୫୦ ଲକ୍ଷ ୫୩ ହଜାର ବ୍ୟୟ ଅଟକଳ ହୋଇ ଘନଶ୍ୟାମ କନ୍‌ଷ୍ଟ୍ରକ୍ସନ ନାମକ ସଂସ୍ଥା ଠିକା ନେଇଥିଲା। ଦୁଇଟି ସ୍ଥାନରେ କଲଭର୍ଟ ନିର୍ମାଣ ହେଲା। ଏହାପରେ ମୋରମ ମାଟି ପକାଯିବା ବଦଳରେ ପଙ୍କୁଆ ମାଟି ପକାଯିବାରୁ ଅଞ୍ଚଳବାସୀ ବିରୋଧ କଲେ। ପରେ ବର୍ଷାଦିନ ଆସିଯିବାରୁ ସମ୍ପୃକ୍ତ ସଂସ୍ଥା କାମ ବନ୍ଦ କରିଦେଲା। ହେଲେ ଆଜିଯାଏ ଆଉ କାମ ହେଉନାହିଁ।

ଉକ୍ତ ରାସ୍ତାକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଠିକା ସଂସ୍ଥା ମାଲିକଙ୍କୁ ଅଞ୍ଚଳବାସୀ ଫୋନ କଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିବା ପ୍ରକାଶ କରିଛନ୍ତି। ସମସ୍ୟା ନେଇ ଚନ୍ଦ୍ରଗିରି ସ୍ଥିତ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ବାରମ୍ବାର ଜଣାଇବା ସହ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ହେଲେ କୌଣସି ସୁଫଳ ମିଳିନଥିବା ଯୋଡିପଥର ଗ୍ରାମର ୱାର୍ଡମେମ୍ବର ସନିଆ ଗମାଙ୍ଗ, ଦାଶରଥି ରଇତ, ପୂର୍ବତନ ୱାର୍ଡମେମ୍ବର ସୋମନାଥ ମଣ୍ଡଳ ପ୍ରମୁଖ କହିଛନ୍ତି।

ସମସ୍ୟା ନେଇ ଗତମାସରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କୁ ଚାନ୍ଦିପୁଟ ବଜାରରେ ଗ୍ରାମବାସୀ ଜଣାଇଥିଲେ। ସେ ମୋହନା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଫୋନ କରି ତୁରନ୍ତ ରାସ୍ତାକାମ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। କାମ ବନ୍ଦ ନେଇ ଘନଶ୍ୟାମ କନ୍‌ଷ୍ଟ୍ରକଶନ ମାଲିକଙ୍କୁ ପଚାରିବାରୁ ବିଭାଗୀୟ ଅଧିକାରୀ ସହଯୋଗ କରୁ ନ ଥିବାରୁ କାମ ହୋଇପାରୁନାହିଁ ବୋଲି କହିଥିଲେ। ମାତ୍ର ଚନ୍ଦ୍ରଗିରିସ୍ଥିତ ବିଭାଗୀୟ ସହକାରୀ ଯନ୍ତ୍ରୀ ନରେନ ରେଡ୍ଡୀଙ୍କୁ ପଚାରିବାରୁ, କାମ ସାରିବାକୁ ସମ୍ପୃକ୍ତ ଠିକା ସଂସ୍ଥାକୁ ବାରମ୍ବାର ଚିଠି କରୁଛୁ। ସମସ୍ୟା ନେଇ ବିଭାଗୀୟ ଉଚ୍ଚ ପଦାଧିକାରୀମାନଙ୍କୁ ମଧ୍ୟ ଜଣାଇ ଦିଆଯାଇଛି ବୋଲି କହିଛନ୍ତି। ଠିକାଦାର ଓ ବିଭାଗୀୟ ଅଧିକାରୀ ଦୋଷ ଲଦାଲଦିରେ ସାଧାରଣ ଜନତା ହନ୍ତସନ୍ତ ହେଉଛନ୍ତି। ତୁରନ୍ତ ରାସ୍ତା କାମ ସାରିବାକୁ ଦାବି କରିଛନ୍ତି ଅଞ୍ଚଳବାସୀ।

■ ଅଭିଯୋଗ ପରେ ବି ମରାମତି ହେଉନି ରାସ୍ତା

# ଧାନ ରୋଇ ପ୍ରତିବାଦ କଲେ ଲୋକେ

ପାତ୍ରପୁର,୪।୯(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ବାଦପୁର ଗ୍ରାମର ଧୁଆଁବାଡ଼ ସାହିର ରାସ୍ତା ଶୋଚନୀୟ ଅବସ୍ଥାରେ ପଡ଼ିରହିଛି। ରାସ୍ତା ତିଆରି ପାଇଁ ପ୍ରଶାସନକୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ତେଣୁ ସାହିରେ ସିମେଣ୍ଟ ରୋଡ ନିର୍ମାଣ ପାଇଁ ବୁଧବାର ଗ୍ରାମର ମହିଳା ଓ ପୁରୁଷମାନେ ରାସ୍ତାରେ ଧାନ ରୋଇ ପ୍ରତିବାଦ କରିଛନ୍ତି। ନିର୍ବାଚନ ଆସିଲେ ସବୁ ଦଳ ରାସ୍ତା ତିଆରି ପାଇଁ ପ୍ରତିଶ୍ରୁତି ଦିଅନ୍ତି, କିନ୍ତୁ ନିର୍ବାଚନ ସରିଲେ ଆଉ ଦେଖା ନାହିଁ ବୋଲି ସାହିବାସୀ ଅଭିଯୋଗ କରିଛନ୍ତି। ଗ୍ରାମରେ ୧୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଉକ୍ତ ସ୍ଥାନରେ ଘର ନିର୍ମାଣ ହେବା ପରଠାରୁ ଅନ୍ୟ ସାହିକୁ ଯିବାକୁ ହେଲେ କାଦୁଅ ରାସ୍ତା ଦେଇ ଯିବାକୁ ପଡ଼ିଥାଏ। ପିଲାମାନେ ସ୍କୁଲ ଅବା ଅଙ୍ଗନୱାଡ଼ି କେନ୍ଦ୍ରକୁ ଗଲେ ମଧ୍ୟ ଏହି ରାସ୍ତାରେ ଯାଉଛନ୍ତି। ରାସ୍ତାରେ ସବୁବେଳେ ପାଣି ଜମି ରହୁଥିବାରୁ ମଶା ଅଧିକ ମାତ୍ରାରେ ରହୁଥିବା ପରିଲକ୍ଷିତ ହେଉଛି। ଫଳରେ ବିଭିନ୍ନ ସମୟରେ ମ୍ୟାଲେରିଆ ରୋଗରେ ପୀଡ଼ିତ ହେବାର ଆଶଙ୍କା ପ୍ରକାଶ ପାଇଛି। ଶୀଘ୍ର ସମସ୍ୟାର ସମାଧାନ କରା ନ ଗଲେ ସାହିବାସୀ ଆନ୍ଦୋଳନ କରିବେ ବୋଲି କହିଛନ୍ତି।



ରାସ୍ତାରେ ଗ୍ରାମର ମହିଳା ପୁରୁଷ ଧାନ ରୋଉଛନ୍ତି।

■ ତସ୍ମୈଶ୍ରୀ ଗୁରୁବେ ନମଃ କାର୍ଯ୍ୟକ୍ରମ

# ଜ୍ଞାନ ହିଁ ସମସ୍ୟା ସମାଧାନର ପନ୍ଥା



ଅତିଥିଙ୍କ ଦ୍ୱାରା ଅବସରପ୍ରାପ୍ତ ପ୍ରଫେସରଙ୍କୁ ସମ୍ମାନିତ କରାଯାଉଛି।

ଗୋପାଳପୁର,୪।୯

ରଙ୍ଗେଇଲୁଣ୍ଡା ବ୍ଲକ ରାମଚନ୍ଦ୍ରପୁରସ୍ଥିତ ପ୍ରଭୁ ଉପହାର ପ୍ରଶାନ୍ତ କେନ୍ଦ୍ର ପ୍ରେକ୍ଷାଳୟରେ ବୁଧବାର ପୂର୍ବାହ୍ନରେ ତସ୍ମୈଶ୍ରୀ ଗୁରୁବେଃ ନମଃ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବ୍ରହ୍ମାକୁମାରୀ ମଞ୍ଜୁଲତା ଓ ବ୍ରହ୍ମାକୁମାରୀ ମାଳା ମଞ୍ଚାସୀନ ଥିଲେ। ଡ.କମ୍ବୁପାଣି ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୃଥିବୀ ପୃଷ୍ଠରେ ଯେଉଁ ସମସ୍ୟା ରହିଛି ଜ୍ଞାନ ହିଁ ସମସ୍ୟା ସମାଧାନର ଏକମାତ୍ର ପନ୍ଥା ବୋଲି ବିଧାୟକ ମତ ପ୍ରକାଶ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କୁଳପତି, ଅବସରପ୍ରାପ୍ତ ପ୍ରଫେସର, ଅବସରପ୍ରାପ୍ତ ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ମଧ୍ୟରେ ୩୧ ଜଣ ଜ୍ଞାନଗଙ୍ଗା–୨୦୧୯ ଓ ୬୭ ଜଣଙ୍କୁ ଗୁରୁ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ବିଧାୟକଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ରଙ୍ଗେଇଲୁଣ୍ଡା ବିଡିଓ କୁମାର ନାଗଭୂଷଣ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଜୟକୃଷ୍ଣ ବରାଳ, ହରିହର ଦାଶ, ଅଶୋକ ରଥ, ବିଷ୍ଣୁ ଚରଣ ଚୌଧୁରୀ, କେଏମ ପାଠୀ, ସୁଦର୍ଶନ ଆଚାର୍ଯ୍ୟ, ପ୍ୟାରୀମୋହନ ମିଶ୍ର ସମେତ ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଦ୍ୟାଳୟର ଅଧ୍ୟାପକ, ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

### ଧରାପଡୁନାହାନ୍ତି ଗାଡ଼ି ଚୋର, ବଢୁଛି ଅସନ୍ତୋଷ

ଗଞ୍ଜାମ,୪।୯(ଡି.ଏନ.ଏ.)

ରମ୍ଭା ଥାନା ହୁମ୍ମା ଫାଣ୍ଡି ଅନ୍ତର୍ଗତ ହୁମ୍ମା ଓ ଆଖପାଖ ଅଞ୍ଚଳରେ ଗାଡ଼ି ଚୋରି ବୃଦ୍ଧି ପାଉଛି। ଗତ ୬ ମାସ ମଧ୍ୟରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଗାଡ଼ି ଚୋରି ହୋଇଥିଲେ ମଧ୍ୟ ଗୋଟିଏ ହେଲେ ଗାଡ଼ି କିମ୍ବା ଚୋରର ସନ୍ଧାନ ପୋଲିସ ପାଇପାରିନି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଘୋର ଅସନ୍ତୋଷ ଦେଖାଦେଇଛି। କିଛିଦିନ ପୂର୍ବେ ହୁମ୍ମା ଚନ୍ଦ୍ରଶେଖର ସାହି ଓ ପାଟନା ସାହିରେ କେତେଜଣ ଦୁର୍ବୃତ୍ତ ଚୋରି କରିବାକୁ ଉଦ୍ୟମ କରୁଥିଲେ। କିନ୍ତୁ ଘର ମାଲିକ ଉଠି ପଡ଼ିବାରୁ ସେମାନେ ଦୌଡ଼ି ପଳାଇଥିଲେ। ହୁମ୍ମା ଶୁଖୁଆ ହାଟକୁ ଚୋରମାନେ ଚୋରି ଆଡ୍ଡା କରିଛନ୍ତି। ପ୍ରତି ରବିବାର ଏହି ହାଟ ଖୋଲେ। ଲୋକମାନେ ହାଟରେ ଗାଡ଼ି ରଖି ଜିନିଷ କିଣୁଥିବା ସମୟରେ ଚୋରମାନେ ଚତୁରତାର ସହ ଗାଡ଼ି ଚୋରି କରି ନେଇଯାଆନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବାରମ୍ବାର ଏହିଭଳି ବାଇକ୍ ଚୋରି ହେଉଛି ହେଲେ ପୋଲିସ କିଛି ପଦକ୍ଷେପ ନେଉନାହିଁ ବୋଲି ମାଲିକମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ହୁମ୍ମା ଫାଣ୍ଡି ଅଧିକାରୀ ନରହରି ବିଶୋଇଙ୍କୁ ପଚାରିବାରୁ ଗାଡ଼ି ଚୋରି ଅଭିଯୋଗ ସ୍ୱୀକାର କରିବା ସହ ପ୍ରତିଦିନ ପାଟ୍ରୋଲିଂ କରାଯିବା ସହ ହାଟରେ ପୋଲିସ ମୁତୟନ କରାଯାଉଥିବା ସେ କହିଛନ୍ତି।

## ଭଞ୍ଜନଗର ସମାଚାର

### ପଲିଥିନ ଧରପଗଡ଼

ଭଞ୍ଜନଗର,୪।୯(ଡି.ଏନ.ଏ)

ଭଞ୍ଜନଗର ସହରରେ ବେନିୟମ ପଲିଥିନ ବ୍ୟବହାର ଉପରେ ଚଢ଼ାଉ ଜୋରଦାର କରାଯାଉଛି। ତଥାପି ପଲିଥିନ ବ୍ୟବହାର ବନ୍ଦ ହେଉନାହିଁ। ବ୍ୟବସାୟୀ ଏବଂ ଡ଼ିଲରମାନଙ୍କ ପାଖରେ ମହଜୁଦ୍ ଥିବା ପଲିଥିନ ସରିବା ପର୍ଯ୍ୟନ୍ତ ପଲିଥିନ ବ୍ୟବହାର ହେବା ସମ୍ଭାବନା ରହିଛି। କିନ୍ତୁ ପୂର୍ବ ଅପେକ୍ଷା ପଲିଥିନ ବ୍ୟବହାର ବହୁତ ପରିମାଣରେ କମିଛି। ଏହିଭଳି ପରିସ୍ଥିତିରେ ଭଞ୍ଜନଗର ଏନ୍‌ଏସି ପ୍ରଶାସନ ପୋଲିସ ସହାୟତାରେ ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ବିପୁଳ ପରିମାଣର ପଲିଥିନ ଜବତ ସହ ୨୨ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି।



ଏନ୍‌ଏସି ଓ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ ଚାଲିଛି।

### ମନ୍ଦିର ପରିଚାଳନା କମିଟି ଗଠିତ

ପାଇଲିପଡ଼ା ଉସ୍ତପଲ୍ଲୀ ସାହିରେ ନିର୍ମିତ ହେବାକୁଥିବା ପଞ୍ଚମୁଖି ହନୁମାନ ମନ୍ଦିର ପରିଚାଳନା ପାଇଁ ଏକ ଅସ୍ଥାୟୀ କମିଟି ବୁଧବାର ଗଠନ ହୋଇଛି। ବୈଠକରେ ବିଶ୍ୱନାଥ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଉସ୍ତପଲ୍ଲୀ ସାହି ସମ୍ପାଦକ ରାଜବଲ୍ଲଭ ମହାନ୍ତି ବିବରଣୀ ପଠନ କରିଥିଲେ। ଏହାପରେ ଏକ ୨୫ ଜଣିଆ କମିଟି ଗଠନ କରାଯାଇଥିଲା। ଏଥିରେ ଉପଦେଷ୍ଟା ଭାବେ ବିଶ୍ୱନାଥ ତ୍ରିପାଠୀ, ଦଣ୍ଡପାଣି ସାହୁ, ଏ.କେ. କୃଷ୍ଣମୂର୍ତ୍ତି ପାତ୍ର, ତାରିଣୀ ଚରଣ ପାତ୍ର, ସୁବାସ ଚନ୍ଦ୍ର ବେହେରା, ରଙ୍କନିଧି ସାହୁ, ପ୍ରମୋଦ ଦାସ, ରାଜବଲ୍ଲଭ ମହାନ୍ତି ଚୟନ ହୋଇଥିଲେ। ସଭାପତି ପ୍ରଫୁଲ୍ଲ ଜେନା, ଉପ ସଭାପତି ସନ୍ତୋଷ ସ୍ୱାଇଁ, ସମ୍ପାଦକ ସୂର୍ଯ୍ୟ ନାରାୟଣ ସାହୁ, ସହ ସମ୍ପାଦକ ରମାବଲ୍ଲଭ ବେହେରା, କୋଷାଧ୍ୟକ୍ଷ ଭାବେ ସୁଶାନ୍ତ କୁମାର ନାୟକ ମନୋନୀତ ହୋଇଥିଲେ। ରବୀନ୍ଦ୍ର ପାତ୍ର, ଲକ୍ଷ୍ମଣ ଶତପଥୀ, ସୂର୍ଯ୍ୟନାରାୟଣ ପାତ୍ର, ପ୍ରକାଶ ନାୟକ, ରାମଚନ୍ଦ୍ର ସେଠୀ, ସୁରେନ୍ଦ୍ର ଗୌଡ଼, ପ୍ରଦୀପ ମହାନ୍ତି, ପ୍ରଶାନ୍ତ ଦାସ, ଅଭିମନ୍ୟୁ ସାହୁ, ରଞ୍ଜିତ ରାଉତ, ଅରୁଣ ରଣା, ତ୍ରିନାଥ ଆପଟ୍ଟ କାର୍ଯ୍ୟକାରୀ କମିଟିକୁ ମନୋନୀତ ହୋଇଥିଲେ।

### ଗଣେଶପୂଜା ଅବସରରେ ଭଜନ ସନ୍ଧ୍ୟା

ବାଉଁଶଲୁଣ୍ଡି ପେଟ୍ରୋଲ ଟାଙ୍କି ସମ୍ମୁଖରେ ହୋଇଥିବା ଗଣେଶ ପୂଜା କମିଟି ପକ୍ଷରୁ ବୁଧବାର ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ହୋଇଥିଲା। ଓଁ ସଙ୍ଗୀତ ଏକାଡ଼େମୀର କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରିଥିଲେ। ଗୁରୁ ପ୍ରଦୀପ କୁମାର ସ୍ୱାଇଁ, ଗୁରୁମା ଚାନ୍ଦିନୀ ସିଂଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଅନୁଷ୍ଠାନର କୃତୀ କଣ୍ଠଶିଳ୍ପୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

### ସାହିତ୍ୟ ପରିଷଦରେ ମ୍ୟାଜିକ୍ ଶୋ

ଗଞ୍ଜାମ ଜିଲା ରେଡ଼କ୍ରସ ପକ୍ଷରୁ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଭଞ୍ଜ ସାହିତ୍ୟ ପରିଷଦରେ ମ୍ୟାଜିକ୍ ଶୋ ଆରମ୍ଭ ହୋଇଛି। ଏହା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ରେଡ଼କ୍ରସ ପାଣ୍ଠି ବୃଦ୍ଧି ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ହେଉଛି। ମ୍ୟାଜିସିଆନ ଏସ୍. କୁମାର ମ୍ୟାଜିକ ପ୍ରଦର୍ଶନ କରିଥିଲେ।



ଶେରଗଡସ୍ଥିତ ପୂଜାମଣ୍ଡପ



ଗଞ୍ଜାମ ବ୍ଲକ ପୁଇଁତୋଳା



ପୋଲସରା ବ୍ଲକ ଜା. ଡେଙ୍ଗାପଦର



କପିଳେଶ୍ୱର ଯୁବକ ସଂଘ, ଛଣମେରୀ

# ଅର୍ଥ କମିଶନ ପାଣ୍ଠି ବିନିଯୋଗ କର୍ମଶାଳା

ଦିଗପହଣ୍ଡି,୪।୯(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ପ୍ରଶାସନ ପକ୍ଷରୁ ବୁଧବାର ଚତୁର୍ଦ୍ଦଶ ଅର୍ଥ କମିଶନ ପାଣ୍ଠି ବିନିଯୋଗ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ କର୍ମଶାଳାରେ ବିଡ଼ିଓ ହଳଧର ଶବର, ଜିପିଓ ରମାକାନ୍ତ ଚୌଧୁରୀ ପାଣ୍ଠି ବିନିଯୋଗ ସମ୍ପର୍କିତ ନୂତନ କାର୍ଯ୍ୟ ଖସଡ଼ା ଓ ନିର୍ଦ୍ଦେଶାବଳୀ ସମ୍ପର୍କରେ ଉପସ୍ଥିତ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଅନ୍‌ଲାଇନରେ ଭେଣ୍ଡର କିମ୍ବା ଚୟନକର୍ତ୍ତା ହିତାଧିକାରୀମାନଙ୍କୁ ସେମାନଙ୍କ ପ୍ରାପ୍ୟ ରାଶି କିଭଳି ପ୍ରଦାନ କରିବେ, ସେମାନଙ୍କ ବ୍ୟାଙ୍କ ଜମାଖାତାଗୁଡ଼ିକୁ ସ୍କାନ କରାଯାଇ ନିର୍ଭୁଲ ଭାବରେ ବ୍ୟାଙ୍କ ଆକାଉଣ୍ଟ ନମ୍ବର ସହ ସଂଯୋଗୀକରଣକୁ ପ୍ରାଧାନ୍ୟ ଦିଆଯିବା ପାଇଁ ଆବଶ୍ୟକ କୌଶଳ ସମ୍ପର୍କରେ ତାଲିମ ଦିଆଯାଇଥିଲା। ବ୍ଲକ କମ୍ପ୍ୟୁଟର ପ୍ରୋଗ୍ରାମର ଉପସ୍ଥିତ ରହି ବିବରଣୀ ଉପସ୍ଥାପନ କରିଥିଲେ। ଏଣିକି ପଞ୍ଚାୟତର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟର ବ୍ୟୟ ମଞ୍ଜୁରୀ ଅନ୍‌ଲାଇନରେ କରାଯିବ ବୋଲି ବିଡ଼ିଓ କହିଥିଲେ। ସରପଞ୍ଚ ବି.କ୍ରିଷ୍ଣା ରାଓ ସୁବୁଦ୍ଧି, ବିଭୂତି ଭୂଷଣ ମହାପାତ୍ର, ଭୀମସେନ ସାହୁ, ପୀତାମ୍ବର ଗୌଡ, କୃଷ୍ଣ ଚନ୍ଦ୍ର ସାହୁ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।



କର୍ମଶାଳାରେ ଉପସ୍ଥିତ ସରପଞ୍ଚ ଓ ନିର୍ବାହୀ ଅଧିକାରୀମାନେ।

# ରାଜପଥ ୫୯ ପାଇଁ ବିପଦ ଋଷିକୁଲ୍ୟା କେନାଲ

ଧରାକୋଟ,୪।୯(ଡି.ଏନ.ଏ.)

ଗଞ୍ଜାମ ଜିଲାର ସେଚ ପ୍ରଣାଳୀ ପାଇଁ ଋଷିକୁଲ୍ୟା କେନାଲର ବେଶ ଗୁରୁତ୍ୱ ରହିଛି। ଧରାକୋଟ ବ୍ଲକର ଜାନବିଲିରୁ ଏହା ସୃଷ୍ଟି ହୋଇ ବ୍ରହ୍ମପୁର ନିକଟସ୍ଥ ଦକ୍ଷିଣପୁର ଘାଇରେ ମିଶିଛି। ଏହି ମୁଖ୍ୟ କେନାଲ ଓ ଶାଖା କେନାଲ ଦ୍ୱାରା ଜିଲାର ଶତାଧିକ ହେକ୍ଟର ଜମି ଜଳସେଚିତ ହେଉଛି। ଜାନବିଲି–ବ୍ରହ୍ମପୁର ପାନୀୟ ଜଳ ପ୍ରକଳ୍ପ ସହ ମେଗା ଜଳସେଚନ ପ୍ରକଳ୍ପ ମଧ୍ୟ ଜାନବିଲିରୁ ଆରମ୍ଭ ହେବ। ଲୋକଙ୍କ ସେଚ କାର୍ଯ୍ୟରେ ଋଷିକୁଲ୍ୟା କେନାଲ ଯେପରି ଗୁରୁତ୍ୱ ବହନ କରୁଛି, ଗୋପାଳପୁର–ରାୟପୁର ଜାତୀୟ



ଜାତୀୟ ରାଜପଥ।

ରାଜପଥ ୫୯ ପାଇଁ ସେପରି ବିପଜ୍ଜନକ ଭାବେ ଏହା ଉଭା ହୋଇଛି। ଏହି ରାଜପଥର ମୁଣ୍ଡମରାଇଠାରୁ ଭଣ୍ଡାରିବସା ପର୍ଯ୍ୟନ୍ତ ୫୦୦ ମିଟର ରାସ୍ତା ବର୍ଷାଦିନେ କେନାଲର ଝରଣା ପାଣି ଦ୍ୱାରା ଆଚ୍ଛାଦିତ ହେଉଛି। ଯାହା ରାଜପଥ ପ୍ରତି ବିପଦ ସୃଷ୍ଟି କରୁଛି। ଏଠାରେ କେନାଲ ରାଜପଥର ୧୦ ଫୁଟ ଉପରେ ପ୍ରବାହିତ ହେଉଛି। କେନାଲର ସୁରକ୍ଷା ପ୍ରାଚୀର ନ ଥିବାରୁ ପାଣି ମାଟି ହିଡ଼ ଦେଇ ଭିଜି ରାଜପଥ ଉପରେ କୃତ୍ରିମ ଝରଣା ସୃଷ୍ଟି କରୁଛି। ଏହି ଝରଣା ପାଣିରେ ମାଟି ଧସି କାଦୁଅ ହୋଇ ରାସ୍ତା ଉପରେ ପଡ଼ିଥିବାରୁ ଦୁର୍ଘଟଣା ଘଟୁଛି। ସର୍ବଦା ପାଣି ସନ୍ତେଇବାରୁ ପିଚୁର ସ୍ଥାୟିତ୍ୱ ମଧ୍ୟ ନଷ୍ଟ ହେଉଛି। ଏଣୁ ଏହି କେନାଲ ସାଧାରଣ ଜନତାଙ୍କ ପାଇଁ ଯେତିକି ଜଳସେଚନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି, ଗମନାଗମନ କ୍ଷେତ୍ରରେ ସେତିକି ବିପଦ ସୃଷ୍ଟି କରୁଛି। ଏଣୁ ଜଳସେଚନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବି ହେଉଛି ।

